# ନିର୍ମାଣ ଶେଷ ନ ହେଉଣୁ ଫାଟିଲା ଢଳେଇ ରାସ୍ତା

**ବିକାଶ ନାମରେ ବିଭ୍ରାଟ**

## ଦୋଷ ଲୁଚାଇବାକୁ ପ୍ରଶାସନର ତାଳିପକା ନୀତି

## ରାସ୍ତାରେ କୁଟା ଘୋଡ଼ାଇ ଦୁର୍ନୀତି ଲୁଚାଇବାକୁ ପ୍ରୟାସ



ନିଶ୍ଚିନ୍ତକୋଇଲି,୨୧।୪(ସମିସ): ସରକାରଙ୍କ "ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ନିଶ୍ଚିନ୍ତକୋଇଲି ବ୍ଲକରେ ବାଟବଣା ହୋଇଥିବା ଦେଖିବାକୁ ମିଳିଛି। ବ୍ଲକରେ କାର୍ଯ୍ୟରତ ଯନ୍ତ୍ରୀଙ୍କ ଚରମ ଦାୟିତ୍ୱହୀନତା ଏବଂ ମନମୁଖୀ କାର୍ଯ୍ୟ ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର ଉନ୍ନୟନମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ଏହାର ସଦ୍ୟତମ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି କଟିକଟା ପଞ୍ଚାୟତ ନୂଆଗାଁଠାରେ, ଯେଉଁଠି ଏକ ନବନିର୍ମିତ ଢଳେଇ ରାସ୍ତା କାମ ଶେଷ ହେବା ପୂର୍ବରୁ ହିଁ ବିଭିନ୍ନ ସ୍ଥାନରେ ଫାଟି ଆଁ କରିଛି।

୨୦୨୪-୨୫ ଆର୍ଥିକ ବର୍ଷରେ ନୂଆଗାଁ ୯ ନମ୍ବର ଇ କେନାଲ ବନ୍ଧଠାରୁ ଦାସ ସାହି ପର୍ଯ୍ୟନ୍ତ ଢଳେଇ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାମ ହେବା କଥା, କିନ୍ତୁ ସ୍ଥାନୀୟ ରାଜନେତାଙ୍କ କେତେକ ଆନୁଗତ୍ୟ ଏହି କାର୍ଯ୍ୟ କରିଥିଲେ। ସିମେଣ୍ଟ, ବାଲି ଓ ଗୋଡ଼ିର ଅନୁପାତ ଠିକ୍ ରହି ନ ଥିବାରୁ ଏବଂ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ରାସ୍ତାଟି ଫାଟି ଯାଇଛି। ତେବେ ଗ୍ରାମବାସୀଙ୍କ ଅଭିଯୋଗ ପରେ ନିଜର ଦୋଷ ଲୁଚାଇବା ପାଇଁ ପ୍ରଶାସନ ପକ୍ଷରୁ ଅତ୍ୟନ୍ତ ତରବରିଆ ଭାବେ ସେଠାରେ "ପ୍ୟାଚ୍' ପକାଯିବା ସହ ଲୋକଙ୍କ ଆଖିରେ ଧୂଳି ଦେବା ପାଇଁ ରାସ୍ତା ଉପରେ କୁଟା ଓ ନଡ଼ା ଘୋଡ଼ାଇ ଦିଆଯାଇଥିବା ଦେଖିବାକୁ ମିଳିଛି। ରାସ୍ତା ନିର୍ମାଣ ସମୟରେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଏବଂ ତଦାରଖର ଅଭାବ ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଇଛି। ବିନା ଯାଞ୍ଚରେ କିଭଳି ବିଲ୍ ପାସ୍ କରାଯାଉଛି, ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ବିକଶିତ ଓଡ଼ିଶାର ସ୍ୱପ୍ନ ଦେଖାଉଥିବା ସରକାରଙ୍କ ଅର୍ଥକୁ କିଭଳି ଭାବେ ବ୍ଲକ ଯନ୍ତ୍ରୀ ଓ ଠିକାଦାର ମିଶି ହରିଲୁଟ୍ କରୁଛନ୍ତି, ଏହି ଘଟଣା ତାର ପ୍ରମାଣ ଦେଉଛି। ରାସ୍ତାର ସ୍ଥାୟୀତ୍ୱକୁ ନେଇ ଆଶଙ୍କା ପ୍ରକାଶ କରି ଗ୍ରାମବାସୀମାନେ ଏବେ ଆନ୍ଦୋଳନ ପନ୍ଥା ବାଛିବାକୁ ଚେତାବନୀ ଦେଇଛନ୍ତି। ଏହି ଦୁର୍ନୀତିର ଚେର ବହୁ ଦୂରକୁ ଲମ୍ବିଥିବା ସନ୍ଦେହ କରି କଟକ ଜିଲ୍ଲାପାଳ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂଯୋଜକ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହୋଇଛି। ଦୋଷୀ ଯନ୍ତ୍ରୀ ଓ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ହିଁ ସରକାରୀ ଅର୍ଥର ସଦୁପଯୋଗ ହୋଇପାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ପୋଖରୀରୁ ଯୁବକଙ୍କ ଗଳିତ ଶବ ଉଦ୍ଧାର

ଆଠଗଡ଼,୨୧।୪(ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମର ଏକ ପରିତ୍ୟକ୍ତ ପୋଖରୀରୁ ମଙ୍ଗଳବାର ଜଣେ ଯୁବକଙ୍କ ଗଳିତ ଶବ ଉଦ୍ଧାର କରାଯାଇଛି। ଶବଟି ପଚିଯାଇ ଦୁର୍ଗନ୍ଧ ହେବା ପରେ ଏହା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୁରୁଣା କଟକ-ସମ୍ବଲପୁର ରାସ୍ତା ନିକଟସ୍ଥ ଜଣେ ବ୍ୟକ୍ତିଙ୍କ ଘର ପଛପଟେ ଥିବା ଏକ ପରିତ୍ୟକ୍ତ ପୋଖରୀରେ ଶବଟି ପଡ଼ି ରହିଥିଲା। ଉକ୍ତ ଘରେ ଭଡ଼ାରେ ରହୁଥିବା ସୁମନ ସୌରଭ ଭୋଇ ପୋଖରୀରୁ ଦୁର୍ଗନ୍ଧ ବାହାରିବା ପରେ ଏ ସମ୍ପର୍କରେ ଆଠଗଡ଼ ଥାନାରେ ଲିଖିତ ଭାବେ ଜଣାଇଥିଲେ। ସୂଚନା ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିଛି। ସୁମନଙ୍କ ଏତଲାକୁ ଭିତ୍ତି କରି ଆଠଗଡ଼ ପୁଲିସ ଏକ ଅପମୃତ୍ୟୁ ମାମଲା (କେସ୍ ନଂ ୧୬/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବାରୁ ଶବକୁ ଆଠଗଡ଼ ଡାକ୍ତରଖାନାର ଶୀତତାପ ନିୟନ୍ତ୍ରିତ ବାକ୍ସରେ ସୁରକ୍ଷିତ ରଖାଯାଇଛି। ମୃତକଙ୍କ ଫଟୋକୁ ଚିହ୍ନଟ ପାଇଁ ବିଭିନ୍ନ ଥାନା ଓ ସୋସିଆଲ ମିଡିଆ ମାଧ୍ୟମରେ ପଠାଯାଇଛି। ଆଠଗଡ଼ ଥାନା ଆଇଆଇସି ସୁମତି କୁମାରୀ ମହାନ୍ତିଙ୍କ ସୂଚନା ଅନୁଯାୟୀ, ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ପରିଚୟ ମିଳିବା ପରେ ଶବ ବ୍ୟବଚ୍ଛେଦ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ମହିଳାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

ଟାଙ୍ଗୀ,୨୧।୪(ସମିସ): ସହାୟତା କରିବା ନାଁରେ ଜଣେ ବିଧବା ମହିଳାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ଟାଙ୍ଗୀ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଯାଜପୁର ଜିଲ୍ଲା ବୈରୀ ଥାନା ଛତିଆ ଗ୍ରାମର ବୁଲୁ ସାମଲ (୩୦)। ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଜରିପଡ଼ା ଗ୍ରାମର ଜଣେ ବିଧବା ମହିଳାଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇ ବୁଲୁ ତାଙ୍କ ସହ ସମ୍ପର୍କ ଗଢ଼ିଥିଲେ। ଗତ ମାର୍ଚ୍ଚ ମାସରେ ସହାୟତା କରିବା ବାହାନାରେ ସେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏହି କାଣ୍ଡ ଭିଆଇବା ପରେ ଅଭିଯୁକ୍ତ ଜଣକ ଆଉ ଧରାଛୁଆଁ ଦେଇ ନ ଥିଲେ। ମହିଳାଙ୍କ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରିଥିଲା। ଟାଙ୍ଗୀ ଥାନା ଅଧିକାରୀ ଡ. ବିକାଶ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ବୁଲୁ ସାମଲଙ୍କୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରାରେ ଗିରଫ କରାଯାଇ ଅଦାଲତ ଚାଲାଣ କରାଯାଇଛି। ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ସପନପୁରରେ ହେବ ମହିମା ଅଲେଖ ମହୋତ୍ସବ

ଟାଙ୍ଗୀ,୨୧।୪(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଗ୍ରାମରେ ଥିବା ଐତିହାସିକ ପର୍ଯ୍ୟଟନସ୍ଥଳ ମହିମା ଅଲେଖ ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିମା ଧର୍ମର ବ୍ରହ୍ମ ଅବଧୂତ ଶୁକଦେବ ବାବା ଯୋଗଦେଇ ଆସନ୍ତା ୩୦ରୁ ମେ ୨ ତାରିଖ ପର୍ଯ୍ୟନ୍ତ ଉକ୍ତ ମହିମା ଗାଦିରେ ତିନିଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ବ୍ରହ୍ମ ଅବଧୂତ ନିତ୍ୟାନନ୍ଦ ବାବା, ଗୌତମ ବାବା, ଗଦାଧର ବାବା, ନଟବର ବାବା ଓ ସୁବ୍ରତ ବାବାଙ୍କ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥମାନେ ଯୋଗଦେବା ସହ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗଦେବେ ବୋଲି ଶୁକଦେବ ବାବା ସୂଚନା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱ କଲ୍ୟାଣ ନିମନ୍ତେ ଅଖଣ୍ଡ ବ୍ରହ୍ମଧୂନି ସ୍ଥାପନ, ଅଖଣ୍ଡ ଘୃତବତୀ ପ୍ରଜ୍ୱଳନ ସହ ନାମ ଭଜନ ଦିବାରାତ୍ର ଚାଲିବ ବୋଲି କୁହାଯାଇଛି। ଉକ୍ତ ବୈଠକରେ ସପନପୁର ଗ୍ରାମର ସମସ୍ତ ଗ୍ରାମବାସୀ ତଥା ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ନିଃଶୁଳ୍କ ଗଣବ୍ରତୋପନୟନ ପ୍ରସ୍ତୁତି

ସାଲେପୁର,୨୧।୪(ସମିସ): ନିଃଶୁଳ୍କ ଗଣ ବ୍ରତପୋନୟନ ପାଇଁ ଏକ ପ୍ରସ୍ତୁତି ବୈଠକ ସତ୍ୟସାଇ ସେବା ସମିତି ସେବାଗୃହରେ ଅନୁଷ୍ଠିତ ହୋଇଯାଇଛି। ଉଦୟନାଥ ସାହୁଙ୍କ ସଭାପତିତ୍ୱରେ ପ୍ରତିବର୍ଷ ପରି ଚଳିତ ବର୍ଷ ନିଃଶୁଳ୍କ ବ୍ରତୋପନୟନ ଆସନ୍ତା ମଇ ମାସ ୧୩ ତାରିଖରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ଆବେଦନକାରୀମାନେ ନିର୍ଦ୍ଦିଷ୍ଟ ଫର୍ମ ପୂରଣ କରି ଆସନ୍ତା ୧ତାରିଖ ସୁଦ୍ଧା ଆବେଦନ ପାଇଁ ସ୍ଥିର କରାଯାଇଥିଲା। ବୈଠକରେ ସଂଗଠନର ଆଧ୍ୟାତ୍ମିକ ସଂଯୋଜକ ପ୍ରଭାତ ପଣ୍ଡା, ସଭ୍ୟ ଶକ୍ତିପ୍ରସାଦ ନନ୍ଦ, ପ୍ରଶାନ୍ତ କର, ସୁଧାଂଶୁ ଶେଖର ଷଡ଼ଙ୍ଗୀ, ବିଭୁପ୍ରସାଦ ନନ୍ଦ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା ନିମନ୍ତେ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ବ୍ରତପୋନୟନ କାର୍ଯ୍ୟକ୍ରମ ସାଲେପୁର ଶିଶୁ ମନ୍ଦିରଠାରେ ଆୟୋଜିତ ହେବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା।

# ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ

ଚୌଦ୍ୱାର,୨୧।୪(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳୁ କଳସ ବୁଡା ପରେ ନୀତିକାନ୍ତି ଅନୁଯାୟୀ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ହୋମଯଜ୍ଞରେ ବହୁ ଶ୍ରଦ୍ଧାଳୁ ଘୃତ ଦାନ କରି ଲକ୍ଷ୍ମୀ ନାରାୟଣଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଗଗନ ସାମଲ ଓ ତାଙ୍କ ପତ୍ନୀ କର୍ତ୍ତା ଓ କର୍ତ୍ତୀ ଭାବେ ହୋମକାର୍ଯ୍ୟ ସମ୍ପନ୍ନ କରିଥିଲେ। ପୂଜକ ପତିତପାବନ ମିଶ୍ର ଓ ମାନସ ମିଶ୍ର ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରସାଦ ସେବନରେ ବହୁ ଭକ୍ତ ଯୋଗ ଦେଇଥିଲେ। ଅମୂଲ୍ୟ ବେହେରା, ଅଜୟ ରାଉତରାୟ, ପ୍ରହଲ୍ଲାଦ ସାହୁ, ଜୟନ୍ତ ମିଶ୍ର, ଜଗବନ୍ଧୁ ସାହୁ, ସୁଶାନ୍ତ ସାହୁ, କାର୍ତ୍ତିକ ସାହୁ, ବବଲୁ ସାହୁ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଲକ୍ଷ୍ମୀନାରାୟଣଙ୍କ ନୂତନ ଗୃହ ନିମନ୍ତେ ଭୂମି ପୂଜନ କାର୍ଯ୍ୟକ୍ରମ ହୋଇଥିଲା।

# ମହାପୁରୁଷ ସାଧୁସୁନ୍ଦରଙ୍କ ଜୟନ୍ତୀ

ଚୌଦ୍ୱାର,୨୧।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମହାନ୍ ସଂସ୍କାରକ, ଏକେଶ୍ୱରବାଦର ପ୍ରବକ୍ତା, ଦେଶର ପ୍ରଥମ ହାତଲେଖା ଓଡ଼ିଆ ସମ୍ବାଦପତ୍ର 'କୁଜିବର ପତ୍ର'ର ପ୍ରଣେତା ମହାତ୍ମା ସାଧୁସୁନ୍ଦର ଦାସଙ୍କ ୩୦୭ ତମ ଜୟନ୍ତୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଆଗ୍ରାହାଟ ପଞ୍ଚାୟତ କୁଜିବରସ୍ଥିତ ସାଧୁସୁନ୍ଦର ସିଦ୍ଧପୀଠରେ ସମାରୋହରେ ପାଳିତ ହୋଇଯାଇଛି। ପ୍ରଭାତରୁ ସୂର୍ଯ୍ୟପୂଜା, ଗୋ ପୂଜନ, କଳସଯାତ୍ରା, ମହାପୂଜା ଆଦି ସହିତ ଯଜ୍ଞାରମ୍ଭ କରାଯାଇଥିଲା। ସାରାଦିନ ବ୍ୟାପି ଅନୁଷ୍ଠିତ ମହାଯଜ୍ଞରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ଆହୁତି ପ୍ରଦାନ କରିଥିଲେ। ଶ୍ରଦ୍ଧାଳୁମାନେ ପୀଠରେ ପ୍ରସ୍ତୁତ ମହାପୁରୁଷଙ୍କ ପ୍ରସିଦ୍ଧ ଭୋଗ ଦହିପଖାଳ, ଶାଗଭଜା, ମହନ ଭୋଗ ଆଦି ପ୍ରସାଦ ସେବନ କରିଥିଲେ। ମାର୍ଫତଦାର ଶରତ ସାହୁ, ଅନ୍ତର୍ଯ୍ୟାମୀ ଦାସ, ଉମେଶ ଚନ୍ଦ୍ର ସାହାଣୀ, ବାସୁଦେବ ସାହୁ, ସାଧୁ ସୁନ୍ଦର ସ୍ମୃତି କମିଟି ସମ୍ପାଦକ ଶରତ ଚନ୍ଦ୍ର ନାୟକ, ସାଧୁସୁନ୍ଦର ଆଳତୀ ସଂଘ, ସାଧୁ ସୁନ୍ଦର ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ ବୃନ୍ଦ ଓ କୁଜିବର ଗ୍ରାମବାସୀବୃନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଧ୍ୟାରେ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ସହିତ ଅପେରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଆନନ୍ଦ ବଜାରରେ ଅଞ୍ଚଳର ସହସ୍ରାଧିକ ଲୋକ ପ୍ରସାଦ ସେବନ କରିଥିଲେ।



# ସାଲେପୁରରେ ସିରିଜ୍ ଚୋରି

## ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଓ ଅଳଙ୍କାର ଲୁଟ୍



ସାଲେପୁର,୨୧।୪(ସମିସ): ସାଲେପୁର ଥାନା ଅନ୍ତର୍ଗତ ମଧୁସୂଦନ ନଗରରେ ଗତକାଲି ବିଳମ୍ବିତ ରାତିରେ ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଦୁଇଜଣ ବରିଷ୍ଠ ନାଗରିକଙ୍କ ଘରୁ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଛନ୍ତି। ଅଭିଯୋଗ ଅନୁଯାୟୀ, ସପନପୁର ଗ୍ରାମର ମଧୁସୂଦନ ନଗର କଲୋନୀରେ ରହୁଥିବା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମିଶ୍ରଙ୍କ ଘର ଝରକା ଭାଙ୍ଗି ଦୁର୍ବୃତ୍ତମାନେ ଭିତରେ ପଶିଥିଲେ। ସେଠାରୁ ପ୍ରାୟ ୨୦ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର ଚୋରି ହୋଇଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ସମାନ ଢଙ୍ଗରେ ଉକ୍ତ କଲୋନୀର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରମାକାନ୍ତ ତ୍ରିପାଠୀଙ୍କ ଘର କବାଟ ଓ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଟଙ୍କା ଲୁଟି ନେଇଛନ୍ତି। ଥାନାରେ ଅଭିଯୋଗ ହେବା ପରେ ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରା ପୁଲିସ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କଲୋନୀ ମଧ୍ୟରେ ଏଭଳି ସିରିଜ ଚୋରି ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ସୃଷ୍ଟି କରିଛି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ବେଳେ ଖୁବଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ଆଶା କରାଯାଉଛି।

# ଗୁରୁକୁଳ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ନିଶ୍ଚିନ୍ତକୋଇଲି,୨୧।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନଟକାଇଠାରେ ଥିବା ଗୁରୁକୁଳ ଶିଶୁ ବିଦ୍ୟାମନ୍ଦିରର ୭ମ ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଛି। ଏହି ଉତ୍ସବରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ନୃତ୍ୟ ସଂଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ବେଳେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତ୍ୟେକ ଶ୍ରେଣୀରେ ୯୦%ରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ବିଦ୍ୟାର୍ଥୀଙ୍କୁ ମଧ୍ୟ ପ୍ରମାଣପତ୍ର ଓ ପଦକ ପ୍ରଦାନ କରାଯାଇଛି। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ଅଧ୍ୟକ୍ଷ ଇଂ ଅଜୟ କୁମାର ବେହେରାଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ଆୟୁଷ ଡାକ୍ତର ଜାପାନୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ଯୁବ ପ୍ରବଚକ ସୁଶାନ୍ତ ନାୟକ, ସମ୍ମାନୀତ ଅତିଥି ଭାବେ ସରପଞ୍ଚ ଦୀପ୍ତିମୟୀ ବରାଳ, ବିଦ୍ୟାଳୟର ଅଧ୍ୟକ୍ଷ ସୁଦାମ ଚରଣ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଗୌରୀ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସଂଘମିତ୍ରା ସ୍ୱାଇଁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂଜା ବାରିକ, ପ୍ରିୟଙ୍କା ବିଶ୍ୱାଳ, ରଶ୍ମିତା ସ୍ୱାଇଁ ସହଯୋଗ କରିଥିଲା ବେଳେ ମୋନାଲିସା ବେହେରା ଧନ୍ୟବାଦ ଦେଇଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପଦକ ପ୍ରଦାନ ଉତ୍ସବ




ସାଲେପୁର,୨୧।୪(ସମିସ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ମଧୁସୂଦନ ପ୍ରେକ୍ଷାଳୟରେ ୨୦୨୫ ଶିକ୍ଷାବର୍ଷର ଶ୍ରେଷ୍ଠ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ପଦକ ତଥା ଦାନନିଧି ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ. ସଙ୍ଗୀତା ମିଶ୍ରଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ମହାବିଦ୍ୟାଳୟର ଶିକ୍ଷାଦାନର ଗୁଣାତ୍ମକ ମାନ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ସୁନାଗରିକ ହେବାକୁ ସେ ପରାମର୍ଶ ଦେଇଥିଲେ। ପରୀକ୍ଷା ନିୟନ୍ତ୍ରକ ଲକ୍ଷ୍ମୀପ୍ରିୟା ଦାଶ ମହାବିଦ୍ୟାଳୟର ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ସମ୍ପର୍କରେ ସୂଚନା ଦେଇଥିବା ବେଳେ ଡଃ ପ୍ରଫୁଲ୍ଲ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡଃ ବୈଜୟନ୍ତୀ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ପୁରସ୍କାର ବିତରଣରେ ସହଯୋଗ କରିଥିଲେ।

# ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ

ସାଲେପୁର,୨୧।୪(ସମିସ): ସାଲେପୁର ବ୍ଲକ୍ ତେନ୍ତୋଳ ପଞ୍ଚାୟତ ଆମ୍ବେଦକର ସଂଗଠନ ପକ୍ଷରୁ ଭାରତ ରତ୍ନ ସମ୍ବିଧାନ ରଚୟିତା ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମଜୟନ୍ତୀ ଓ ରାଷ୍ଟ୍ରପିତା ମହାତ୍ମା ଜ୍ୟୋତିବା ଫୁଲେଙ୍କ ୧୯୯ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ବିଜେବି କଲେଜ ଛାତ୍ରୀ ତମନ୍ନା ଭୋଇ, ପ୍ରଶାସନିକ ଅଧିକାରୀ ଯଶୋବନ୍ତ ମଲ୍ଲିକ, ଭୈରବ ବେହେରା ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଳ୍ପତରୁ ବେହେରା, ରିତୁ ସାମଲ, ଅକ୍ଷୟ କାଣ୍ଡି, ହରେକୃଷ୍ଣ ବେହେରା, ଜଗବନ୍ଧୁ ବେହେରା, ଦୁଃଖିଶ୍ୟାମ ବେହେରା, ସନ୍ତୋଷ ସାମଲ, ଭରତ ସାମଲ, ମନୋଜ ନନ୍ଦ, ଲୋକନାଥ ଭୋଇ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।




# ମହାତ୍ମା ସାଧୁସୁନ୍ଦର ପୀଠରେ ନୂତନ ତୋରଣ ପ୍ରତିଷ୍ଠା



ଚୌଦ୍ୱାର,୨୧।୪(ସମିସ): ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମସ୍ଥିତ ମହାତ୍ମା ସାଧୁସୁନ୍ଦର ଦାସଙ୍କ ସିଦ୍ଧ ପୀଠରେ ମହାତ୍ମାଙ୍କ ୩୦୭ତମ ଜନ୍ମ ବାର୍ଷିକ ଉତ୍ସବ ନବନିର୍ମିତ ପ୍ରବେଶ ତୋରଣର ଶୁଭ ଉଦ୍‌ଘାଟନ ହୋଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସାଧୁସୁନ୍ଦର ସ୍ମୃତି କମିଟି ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦକ ଶରତ ଚନ୍ଦ୍ର ନାୟକ, ତ୍ରିମସ୍‌ର ପ୍ରଶାସନିକ ଅଧିକାରୀ ବଳରାମ କର, କୋଷାଧ୍ୟକ୍ଷ ମୀନକେତନ ପଣ୍ଡା, କରୁଣାକର ବେହେରା, ପର୍ଶୁରାମ ସେଠୀ ପ୍ରମୁଖ ଯୋଗଦେଇ ନବନିର୍ମିତ ତୋରଣର ଉଦ୍‌ଘାଟନ କରିଥିଲେ। ଅନ୍ତର୍ଯ୍ୟାମୀ ଦାସ, ଧୀରେନ୍ଦ୍ର ଜେଠୀ, ଉମେଶ ମହାରଣା, ରଞ୍ଜନ ଦାସ, ପ୍ରକାଶ ନାୟକ, ଶରତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପେନ୍‌ସନ ମାରଣ ନୀତି ବିରୋଧରେ ଦାବିପତ୍ର ପ୍ରଦାନ



ନିଶ୍ଚିନ୍ତକୋଇଲି,୨୧।୪(ସମିସ): ଜାତୀୟ ଦାବି ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ପେନସନ ମାରଣ ନୀତିକୁ ନିଶ୍ଚିନ୍ତକୋଇଲି ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ମହାନଦୀ-ଚିତ୍ରୋତ୍ପଳା ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଉଦ୍ୟମରେ ଶତାଧିକ ପେନସନ ଭୋଗୀମାନେ ଏକତ୍ରିତ ହୋଇ ଭାରତର ପ୍ରଧାନମନ୍ତ୍ରୀ ଓ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦଶଦଫା ସମ୍ବଳିତ ଦାବିପତ୍ର ଅତିରିକ୍ତ ବିଡିଓ ଅଶୋକ କୁମାର ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବସନ୍ତ ସ୍ୱାଇଁ ଓ ମହାନଦୀ-ଚିତ୍ରୋତ୍ପଳା ତ୍ରିକୋଣଭୂମି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ପୁରୁଷୋତ୍ତମ ଚଇନିଙ୍କ ସଭାପତିତ୍ୱରେ ଶତାଧିକ ପେନସନଭୋଗୀମାନେ ବ୍ଲକ ଛକଠାରୁ ଏକ ରାଲିରେ ବାହାରି ସେମାନଙ୍କର ନାର୍ଯ୍ୟ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସାଲେପୁର ଜୋନ୍‌ର ସଂପାଦକ ଗୋଲକ ଚନ୍ଦ୍ର ବାରିକ, ନୃସିଂହ ଚରଣ ଦାଶ, ଶରତ ମହାପାତ୍ର, ନୀଳମଣି ବାରିକ, କୈଳାସ ଚନ୍ଦ୍ର ବେହେରା, ଦଉହରି ମହାରଣା, ନାରାୟଣ ଭାରତୀ, ସୁନାକର ସେଠୀ, ଧୀରେନ୍ଦ୍ରନାଥ ମହାନ୍ତି, ମୁସ୍ତାକ ଅଲୀ, ଦିଲ୍ଲୀପ ରାଉତ, ବିଚିତ୍ରାନନ୍ଦ ବେହେରା, ଶିବପ୍ରସାଦ ସାହୁ, ଉତ୍ସବ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଏହାକୁ ପୂରଣ କରା ନ ଗଲେ ସାରା ରାଜ୍ୟରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଉଭୟ ସରକାରଙ୍କୁ ଚେତାବନୀ ଦେଇଥିଲେ।

# ରାମକୃଷ୍ଣପୁର ତ୍ରିନାଥ ମନ୍ଦିରରୁ ଚୋରି

ନିଶ୍ଚିନ୍ତକୋଇଲି,୨୧।୪(ସମିସ): ସାଲେପୁର ଥାନା ତଥା ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ରାମକୃଷ୍ଣପୁର ଗ୍ରାମରେ ଥିବା ତ୍ରିନାଥ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସକାଳେ ମନ୍ଦିରର ଦ୍ୱାର ଭଙ୍ଗାଯାଇ ଭିତରେ ଥିବା ଏକ ମାଇକ୍ ସେଟ୍, ପୂଜା ପାଇଁ ରହିଥିବା ବିଭିନ୍ନ ପିତ୍ତଳ ବାସନକୁସନ, ଘଣ୍ଟ, ହାତଘଣ୍ଟା, ଠାକୁରଙ୍କ ଗହଣା ଆଦି ଦୁର୍ବୃତ୍ତମାନେ ଚୋରି କରିନେଇ କଳାକନା ବୁଲେଇ ଦେଇଛନ୍ତି। ପୁଲିସର ପାଟ୍ରୋଲିଂ ଅଭାବରୁ ମନ୍ଦିରରୁ ଚୋରି ହୋଇଥିବା ଅଭିଯୋଗ କରି ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ଏ ସଂକ୍ରାନ୍ତରେ ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ଗୁରୁଚରଣ ମଲିକ ଅଭିଯୋଗ କରିବା ପରେ ମଙ୍ଗଳବାର ସଂଧ୍ୟାରେ ସାଲେପୁର ଥାନା ପୁଲିସ ନାମକୁ ମାତ୍ର ଆସି ତଦନ୍ତ କରି ଫେରିଯାଇଥିଲେ ମଧ୍ୟ ଚୋରର କୌଣସି ସନ୍ଧାନ ମିଳି ନ ଥିବା ଜଣାଯାଇଛି। ଅପରପକ୍ଷରେ ଉକ୍ତ ଘଟଣାକୁ ଗୁରୁତର ଭାବେ ନେଇ ପୁଲିସ ଚୋରକୁ ଧରିବା ସହିତ ଠାକୁରଙ୍କ ଜିନିଷପତ୍ରକୁ ଉଦ୍ଧାର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

